# ARYAN INSTITUTE OF ENGINEERING & TECHNOLOGY

Arya Vihar, Bhubaneswar-752050

**Date: 11.08.2020**

## BISWAJIT NAYAK, STUDENT OF ARYAN GROUP OF INSTITUTION HAS BEEN AWARDED BY "INDIA BOOK OF RECORDS" FOR MAKING NANDIGHOSA CHARIOT WITH 2575 ICE-CREAM STICKS.

### ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ବିଶ୍ୱଜିତ

ପୁରୀ ଅଫିସ,୧୦।୯

**୨୫୭୫ ଆଇସ୍‌କ୍ରିମ କାଠିରେ ତିଆରି କରିଥିଲେ ରଥ**




ବୟସ ମାତ୍ର ୧୯ । ହେଲେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ନିଜ ନାଁକୁ ସ୍ଥାନିତ କରିପାରିଛନ୍ତି ପୁରୀ କୁମୁଟିପାଟଣାର ବିଶ୍ୱଜିତ ନାୟକ। ଆଇସ୍‌କ୍ରିମ୍ କାଠିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ତିଆରି କରି ବିଶ୍ୱଜିତ ଏହି କୃତିତ୍ୱ ହାସଲ କରିଛନ୍ତି। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ପକ୍ଷରୁ ତାଙ୍କ ପାଖକୁ ସାର୍ଟିଫିକେଟ, ଗୋଲ୍ଡ ମେଡାଲ, ପରିଚୟପତ୍ର, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ବହି ଏବଂ ପେନ୍ ଆସିଛି। ଆଇସ୍‌କ୍ରିମ୍ କାଠିରେ ମହାପ୍ରଭୁଙ୍କ ରଥ ତିଆରି କରିଥିବାରୁ ସେ ଏହି ରେକର୍ଡର ଅଧିକାରୀ ହୋଇଥିବା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ପକ୍ଷରୁ ତାଙ୍କୁ ଅବଗତ କରାଯାଇଛି।

ଡିପ୍ଲୋମା ଦ୍ୱିତୀୟ ବର୍ଷର ଛାତ୍ର ବିଶ୍ୱଜିତ ଗତ ଜୁନ୍ ମାସରେ ୨୫୭୫ଟି ଆଇସ୍‌କ୍ରିମ କାଠିରେ ୨୭ ଇଞ୍ଚ ଉଚ୍ଚତା ଓ ୨୨ ଇଞ୍ଚ ଚଉଡ଼ା ବିଶିଷ୍ଟ ଏହି କ୍ଷୁଦ୍ର ରଥ ତିଆରି କରିଥିଲେ। ଏହାକୁ ସମ୍ପୂର୍ଣ୍ଣ କରିବାକୁ ତାଙ୍କୁ ୧୦ ଦିନ ଲାଗିଥିଲା। ଏହାପରେ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସକୁ ଏ ନେଇ ଅବଗତ କରାଇବା ସହ ଆବଶ୍ୟକ ତଥ୍ୟ ପ୍ରମାଣ ଦେଇଥିଲେ। ଏବେ ସେ ଏହି ରେକର୍ଡ୍ସରେ ସ୍ଥାନ ପାଇ ବେଶ୍ ଖୁସି ବୋଲି ବିଶ୍ୱଜିତ କହିଛନ୍ତି। ପୂର୍ବରୁ ସପ୍ତମ ଶ୍ରେଣୀରେ ପଢୁଥିବାବେଳେ ଆଇସ୍‌କ୍ରିମ୍ କାଠିରେ ସିଂହାସନ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବସାଇଥିଲେ। ଆଗକୁ ସେ ଆଉ ଏକ କୃତିତ୍ୱର ଅଧିକାରୀ ହେବାକୁ ଉଦ୍ୟମ ଚଳାଇଛନ୍ତି ବୋଲି ବିଶ୍ୱଜିତ ପ୍ରକାଶ କରିଛନ୍ତି।



### ଆଇସ୍‌କ୍ରିମ୍ କାଠିରେ ରଥ

### ଇଣ୍ଡିଆ ବୁକ୍ ରେକର୍ଡସ୍‌ରେ ସ୍ଥାନ



ପୁରୀ, ୧୦।୮(ବ୍ୟୁରୋ): ଆଇସ୍‌କ୍ରିମ୍ କାଠିରେ କ୍ଷୁଦ୍ର ରଥ ନିର୍ମାଣ କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ହାସଲ କରିଛନ୍ତି ସିଦ୍ଧମହାବୀର ଅନ୍ତର୍ଗତ କୁମୁଟିପାଟଣାର ବିଶ୍ୱଜିତ୍ ନାୟକ। ଭୁବନେଶ୍ୱରର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଇଲେକ୍ଟ୍ରିକାଲ ଟ୍ରେଡରେ ଡିପ୍ଲୋମା କରୁଥିବା ଶ୍ରୀ ନାୟକ ଚଳିତ ବର୍ଷ ରଥଯାତ୍ରା ସମୟରେ ଏଭଳି ଛୋଟ ରଥ ନିର୍ମାଣ କରି ଚର୍ଚ୍ଚାକୁ ଆସିଥିଲେ। ପରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇବା ନିମନ୍ତେ ସେ ଆବେଦନ କରିଥିଲେ। ଏହାକୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ଏଡିଟୋରିଆଲ ବୋର୍ଡ ସର୍ବୋତ୍କୃଷ୍ଟ ମାନ୍ୟତା ଦେଇଛନ୍ତି। ଶ୍ରୀ ନାୟକ ନିର୍ମାଣ କରିଥିବା ରଥର ଉଚ୍ଚତା ୨୭ ଇଞ୍ଚ ଓ ଲମ୍ବ ୨୨ ଇଞ୍ଚ ରହିଥିଲା। ୨ହଜାର ୫୭୫ଟି ଆଇସକ୍ରିମ୍ ଷ୍ଟିକ୍ ବ୍ୟବହାର କରିଥିଲେ।

### ଆଇସ୍କ୍ରିମ୍ କାଠିରେ ରଥ ନିର୍ମାଣ

### ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ମାନ୍ୟତା



ପୁରୀ,୧୦।୮(ନି.ପ୍ର): ଆଇସ୍କ୍ରିମ କାଠିରେ ନିର୍ମିତ ରଥକୁ ମିଳିଛି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ମାନ୍ୟତା। ପୁରୀ କୁମୁଟିପାଟଣା ଅଞ୍ଚଳର ଜଣେଛାତ୍ର ବିଶ୍ୱଜିତ ନାୟକ ଏଭଳି ଗୌରବ ହାସଲ କରିଛନ୍ତି। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ସଂସ୍ଥା ପକ୍ଷରୁ ତାଙ୍କୁ ସୋମବାର ମେଡାଲ ସମେତ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ରଥଯାତ୍ରା ସମୟରେ ବିଶ୍ୱଜିତ ୨୫୭୫ କାଠିରେ ଗୋଟିଏ ରଥ ନିର୍ମାଣ କରିଥିଲେ। ଏହାର ଉଚ୍ଚତା ୨୭ ଇଞ୍ଚ ଏବଂ ଚଉଡା ୨୨ ଇଞ୍ଚ ରହିଥିଲା। ରଥରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମୂର୍ତ୍ତି ଶୋଭା ପାଉଥିଲା। ଆଇସ୍କ୍ରିମ କାଠି ସଂଗ୍ରହ କରି ସେଥିରେ ରଥନିର୍ମାଣ କରିବା ଉଦ୍ୟମକୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ପ୍ରଶଂସା କରିଛି। ବିଶ୍ୱଜିତ ଏବେ ଆର୍ଯ୍ୟନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରେ ଡିପ୍ଲୋମା ପାଠ ପଢୁଛନ୍ତି। ତାଙ୍କ ବୟସ ୧୮ ବର୍ଷ। ସେ ବଳରାମ ନାୟକଙ୍କ ପୁତ୍ର ବୋଲି ଜଣାପଡିଛି। ଇଣ୍ଡିଆ ବୁକ୍ ରେକର୍ଡ ଅଫ୍ ମାନ୍ୟତା ନୂତନ କଳାକୃତୀ ପାଇଁ ପ୍ରେରଣା ଯୋଗାଇଥିବା ବିଶ୍ୱଜିତ ପ୍ରକାଶ କରିଛନ୍ତି।

Principal